# କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଏଡସ୍ ଦିବସ-୨୦୨୧ ପାଳିତ ହେବା ସହିତ ଏ.ଆର୍.ଟି. ସେଂଟରର ଉଦ୍‌ଘାଟନ

କେନ୍ଦୁଝର, ୦୧.୧୨. କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଏଡସ୍ ଦିବସ-୨୦୨୧ ତା ୦୧.୧୨.୨୦୨୧ରିଖ ଦିନ ଡି.ଟି.ୟୁ. ହଲଠାରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ଏଚ୍.ଆଇ.ଭି. ଏଡ୍ସ୍‌ର ନିରାକରଣ ବିଷୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ । ଉକ୍ତ ଏଡ୍ସ ଦିବସର ବାର୍ତା "ଅସମାନତାକୁ ସମାପ୍ତ କରି, ଏଡ୍ସ୍‌କୁ ସମାପ୍ତ କରି, ମହାମାରିକୁ ଶେଷ କରିବା" ଉପରେ ଆଲୋକପାତ କରିଥିବା ସହିତ ସଂକ୍ରମଣକୁ ରୋକିବା ଏବଂ ସଚେତନତା ସୃଷ୍ଟି କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଯଦି କୌଣସି ବ୍ୟକ୍ତି ଏଚ୍.ଆଇ.ଭି./ଏଡ୍ସ୍ ସଂକ୍ରମଣର ସନ୍ଦେହ କରନ୍ତି ତେବେ ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନାରେ ଥିବା ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ରରେ ରକ୍ତ ପରୀକ୍ଷା କରାଇବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଲଲାଟେନ୍ଦୁ ନାୟକ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡାଃ ଦେବେନ୍ ଦାସ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡାଃ ଶୃତକୀର୍ତୀ ମହାନ୍ତି, ଡି.ପି.ଏମ୍. ଏନ୍.ଏଚ୍.ଏମ୍. ଦିଲ୍ଲିପ କୁମାର ଦୁବେ ପ୍ରମୁଖ ଯୋଗ ଦେଇ ଏଚ୍.ଆଇ.ଭି. ଏଡ୍ସ୍‌ର ନିରାକରଣ ଏବଂ ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମାରୋହର ପ୍ରାରମ୍ଭରେ ଜିଲ୍ଲା ଆଇ.ସି.ଟି.ସି. ସୁପରଭାଇଜର ବ୍ରହ୍ମାନନ୍ଦ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଇ.ଟି.ସି.ଟି. କାଉନ୍‌ସିଲର ଶ୍ରୀମତୀ ସୁଶ୍ରୀ ସଙ୍ଗୀତା ମହାନ୍ତି ପାୱାରପଏଂଟ୍ ପ୍ରେଜେନ୍‌ଟେସନ୍ ମାଧମରେ ଏଚ୍.ଆଇ.ଭି. ଏଡ୍ସ୍‌ର ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ କିରାଣୀ ଦୁଃଖବନ୍ଧୁ ପଣ୍ଡା, କାଉନ୍‌ସିଲର ରଚିତାବାଳା ଗୋସ୍ୱାମୀ, ଚନ୍ଦନ କୁମାର ପାଣିଗ୍ରାହୀ, ଆଇ.ସି.ଟି.ସି. ଏଲ୍.ଟି. ଅନିଲ କୁମାର ପାତ୍ର, ଟି.ଆଇ. ପ୍ରୋଜେକ୍ଟର କାଉନ୍‌ସିଲର ଲାଲୁ ପ୍ରସାଦ ଖଣ୍ଡୁଆଳ ଏବଂ ଦିଲ୍ଲିପ କୁମାର ସାହୁ ପ୍ରମୁଖ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସେଂଟେନାରୀ ବିଲଡିଙ୍ଗଠାରେ ଏ.ଆର୍.ଟି. ସେଂଟରକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ଉଦ୍‌ଘାଟନ କରି କହିଥିଲେ ଯେ ଆମ ଜିଲ୍ଲାର ଏଚ୍.ଆଇ.ଭି. ଏଡ୍ସ୍ ସଂକ୍ରମିତ ବ୍ୟକ୍ତିଙ୍କୁ ଅନ୍ୟ ଜିଲ୍ଲାରେ ଥିବା ଏ.ଆର୍.ଟି. ସେଂଟରକୁ ଯାଇ ମାସିକ ଔଷଧ ଗ୍ରହଣ କରି ଚିକିତ୍ସିତ ହେବାକୁ ପଡୁଥିଲା । କିନ୍ତୁ କେନ୍ଦୁଝର ଜିଲ୍ଲାରେ ଏ.ଆର୍.ଟି. ସେଂଟରର ଶୁଭାରମ୍ଭ ପରେ ଜିଲ୍ଲାର ଏଚ୍.ଆଇ.ଭି. ଏଡ୍ସ୍ ସଂକ୍ରମିତ ବ୍ୟକ୍ତି ସୁବିଧାରେ ବିନାମୂଲ୍ୟରେ ଉପଲବ୍ଧ ଥିବା ଔଷଧ ପାଇପାରିବା ସହିତ ଚିକିତ୍ସିତ ହୋଇପାରିବେ ।